# Akashvani, Sambalpur

## SAMBALPURI NEWS EVENING BULLETIN

**19 March 2024- 7.02 pm- 7.12 pm.**

*******************************************

୧- ନାଗରିକତା ସଂଶୋଧନ୍ ଆଇନ୍‌ର କାର୍ଯ୍ୟକାରିତା ଉପ୍‌ରେ ରହିତାଦେଶ୍ ଦେବାର୍‌କେ ମନା କଲେ ସୁପ୍ରିମ୍‌କୋର୍ଟ ।

୨- ନିର୍ବାଚନ୍ ଲଢୁଥିବା ପ୍ରାର୍ଥୀଙ୍କର୍ ବାବ୍‌ଦେ ସୂଚ୍‌ନା ଲାଗି ନିର୍ବାଚନ୍ କମିଶନ୍‌ଙ୍କର୍ ତର୍‌ଫୁ ତିଆର୍ କରାଯାଇଛେ 'ଆପଣଙ୍କ ପ୍ରାର୍ଥୀ ବାଛନ୍ତୁ' ମୋବାଇଲ୍ ଆପ୍ ।

୩- ଦେଶେ ଗଲା ୧୦ ବରସ୍ ଭିତ୍‌ରେ ୨୬ ପ୍ରତିଶତ୍ କମିଛେ କିରାସିନ୍ ବେଭାର୍-ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର୍ ସୂଚ୍‌ନା ।

ଆଉର୍

୪- ରାଜ୍ୟର ୨୪ଟା ଜିଲ୍ଲା ନ କାଲ୍‌ବୈଶାଖୀର୍ ରହେବା ପ୍ରଭାବ୍ - ପାଣିପାଗ୍ କେନ୍ଦ୍ରର୍ ଅନୁମାନ୍ ।

- ସତର୍କ ରହେବାର୍ ଲାଗି ଜିଲ୍ଲାପାଲ୍ ମାନ୍‌କୁ ନିର୍ଦ୍ଦେଶ୍ ଦେଲେ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ।

## ନାଗରିକତା ସଂଶୋଧନ ଆଇନ                    ଆର୍‌ଏନ୍‌ୟୁ/ ସମ୍ବଲପୁର

ନାଗରିକତା ସଂଶୋଧନ ଆଇନର କାର୍ଯ୍ୟକାରିତା ଉପ୍‌ରେ ରହିତାଦେଶ ଦେବାର୍‌କେ ସୁପ୍ରିମ୍‌କୋର୍ଟ ମନା କରିଦେଇଛନ୍ । ପ୍ରଧାନ୍ ବିଚାର୍‌ପତି ଜଷ୍ଟିସ୍ ଡି.ଓ୍ୱାଇ. ଚନ୍ଦ୍ରଚୂଡ଼ଙ୍କର୍ ଅଧ୍ୟକ୍ଷତାଥି ଗଠିତ ୩ ଝନିଆ ଖଣ୍ଡପୀଠ ଇ ମାମ୍‌ଲାର୍ ଶୁଣାଣି କରିକରି ରାୟ ଦେଇଛନ୍ । ଇ ଆଇନ୍‌କେ ଚ୍ୟାଲେଞ୍ଜ୍ କରିଥିବା ୨୩୭ଟା ପିଟିସନ୍ ଉପ୍‌ରେ ୩ ହପ୍ତା ଭିତ୍‌ରେ ଉତର୍ ରଖିବାରକେ ସୁପ୍ରିମ୍‌କୋର୍ଟ କେନ୍ଦ୍ର ସରକାରଙ୍କୁ ସମୟ ଦେଇଛନ୍ । ଇତାର୍ ସହେତେ ଆଏବା ଏପ୍ରିଲ୍ ୯ ତାରିଖ ଦିନ ଇ ମାମଲାର ପରବର୍ତୀ ଶୁଣାଣି ହେବା  ବଲି ସୂଚନା ମିଲିଛେ ।

ଇନ ଜନେଇ ଦିଆଯାଇପାରେ ଯେ, ଗଲା ହପ୍ତାଥି ଦେଶେ ନାଗରିକତା ସଂଶୋଧନ ଆଇନ୍ ବାବ୍‌ଦେ ବିଜ୍ଞପ୍ତି ବାହାରିଥିଲା । ଇତାର୍ ଉତ୍‌ରୁ ଦେଶେ ଇ ଆଇନ୍ ଲାଗୁ ହେଇଥିଲା । ହେଲେ ଇ ଆଇନ୍ ଉପରେ ରୋକ୍ ଲଗାବାର୍‌କେ ସୁପ୍ରିମ୍‌କୋର୍ଟ ନ ଚ୍ୟାଲେଞ୍ଜ୍ କରାଯାଇଥିଲା । ସୁପ୍ରିମ୍‌କୋର୍ଟ ଆଏଜ୍ ଇ ମାମ୍‌ଲାର ଶୁଣାଣି କରିଥିଲେ ।

## ଆପଣଙ୍କ ପ୍ରାର୍ଥୀଙ୍କୁ ବାଛନ୍ତୁ ଆପ୍                    ଆର୍‌ଏନ୍‌ୟୁ/ କଟକ୍

ସାଧାରଣ ନିର୍ବାଚନ୍‌ଥି ଲଢୁଥିବା ପ୍ରାର୍ଥୀମାନ୍‌କର୍ ଅପରାଧୀକ୍ ମାମ୍‌ଲା ବିଷେ ସୂଚ୍‌ନା ଦେବାର୍ ଲାଗି ଭାରତୀୟ ନିର୍ବାଚନ୍ କମିଶନ୍‌ଙ୍କର୍ ତର୍‌ଫୁ 'ଆପଣଙ୍କ ପ୍ରାର୍ଥୀ ବାଛନ୍ତୁ' ଆପ୍ ପ୍ରସ୍ତୁତ୍ କରାୟାଇଛେ । ଇ ଆପ୍ ସ୍ମାର୍ଟ ଫୋନ୍ ଜରିଏ ମିଲିପାର୍‌ବା । ନିର୍ବାଚନ୍‌ଥି ଲଢୁଥିବା ପ୍ରାର୍ଥୀଙ୍କର୍ ବିଷେ ସବୁ ତଥ୍ୟ, ନାମାଙ୍କନ ସ୍ଥିତି ଆଉ ସତ୍ୟପାଠର ପୁରା ତାଲିକା - ପ୍ରାର୍ଥୀ ଏଫିଡେବିଟ୍ ପୋର୍ଟାଲ୍ Affidavit.eci.gov.in ଜରିଏ ଭୋଟର୍ ମାନେ ପାଇପାର୍‌ବେ । ରାଏଜେ ନିର୍ବାଚନ୍‌କେ ସୁରୁଖୁରୁଥି ପରିଚାଲନା କର୍‌ବାର୍ ଲାଗି ୩୦ ଝନ୍ ଜିଲ୍ଲା ନିର୍ବାଚନ୍ ଅଧିକାରୀଙ୍କର୍ ସଙ୍ଗେ ୨୧ ଝନ୍ ନିର୍ବାଚନ୍ ଅଧିକାରୀଙ୍କୁ ନିୟୁକ୍ତି ଦିଆୟାଇଛେ । ରାଜ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ୟ୍ୟାଲୟନୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ୨ ଶହ ୯୪ ଝନ୍ ସହକାରୀ ରିଟର୍ଣ୍ଣିଂ ଅଧିକାରୀଙ୍କୁ ନିୟୁକ୍ତି ସହେତେ ତାଲିମ୍ ଦିଆୟାଇଛେ । ମତଦାନ୍ କେନ୍ଦ୍ର ମାନ୍‌କେ ୨ ଲାଖ୍ ୭୦ ହଜାର୍ କର୍ମଚାରୀଙ୍କୁ ନିୟୋଜିତ କରାୟିବା । ଫି ମତଦାନ୍ କେନ୍ଦ୍ରକେ ଝନେ ପ୍ରିଜାଇଡିଂ ଅଧିକାରୀ ଆଉ ୫ ଝନ୍ ପୁଲିଂ ଅଧିକାରୀ ପରିଚାଲନା କର୍‌ବେ ।

କୃଷି ଷ୍ଟାର୍ଟଅପ୍ ଆର୍‌ଏନ୍‌ୟୁ/ କଟକ୍

କୃଷି କ୍ଷେତ୍ରର୍ ଷ୍ଟାର୍ଟଅପ୍ ଆଉ ଗ୍ରାମୀଣ କୃଷି ଉଦ୍ୟୋଗୀ ମାନ୍‌କୁ ସାହାଜ୍ କର୍‌ବାର୍ ଲାଗି ଜାତୀୟ କୃଷି ଆଉ ଗ୍ରାମୀଣ

ବିକାଶ୍ ବେଙ୍କ୍- ନାବାର୍ଡ୍ ଶହେ କୋଟି ଟଙ୍କାର୍ ପାଣ୍ଠି ଗଠନ୍ କର୍‌ବା । ପାଣ୍ଠି ଅଭାବ୍‌ନୁ କୃଷି କ୍ଷେତ୍ର ନ ଆର୍ଥିକ୍ ସମସ୍ୟାର୍ ସମ୍ମୁଖୀନ ହେଉଥିବା ଷ୍ଟାର୍ଟଅପ୍ ମାନ୍‌କେ ଇ ପାଣ୍ଠିନୁ ଟଙ୍କା ଦିଆଯିବା । ନାବାର୍ଡ୍‌ର ସୂଚ୍‌ନା ଅନ୍‌ସାରେ କୃଷି ଆଉ କୃଷିଜାତ ଦରବ୍‌ର ଉତ୍ପାଦନ୍ ଲାଗି ୨୨ ଲାଖ୍ କୋଟି ଟଙ୍କାର ଋଣ ଦିଆଯାଇଛେ ।

ସିଏପିଏଫ୍ -ଏସ୍‌ଏପିଏଫ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ନିର୍ବାଚନ ସମିଆଥି କେନ୍ଦ୍ରୀୟ ସଶସ୍ତ୍ର ବାହିନୀ-ସିଏପିଏଫ୍ ଆର୍ ରାଜ୍ୟ ସଶସ୍ତ୍ର ବାହିନୀ ଏସ୍‌ଏପିଏଫ୍ ମୁତୟନ ବାବ୍‌ଦେ ଭୁବ୍‌ନେଶ୍ୱର୍ ନ ଗୁଟେ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ହେଇଯାଇଛେ । ରାଏଜେ ଭିନ୍ ଭିନ୍ କ୍ଷେପେ ହେବାର୍‌କେ ଥିବା ସାଧାରଣ ନିର୍ବାଚନ୍ ପରିପ୍ରେକ୍ଷୀଥି ଜିଲ୍ଲାମାନ୍‌କର୍ ଆବଶ୍ୟକତାକେ ନଜର୍‌ଥି ରଖିକରି କେନ୍ତା ପୁଲିସ୍ ମୁତୟନ କରାଯିବା ସେବିଷେ ବୈଠକ୍‌ଥି ଆଲୋଚନା କରାଯାଇଛେ । ଇଭିଏମ୍ କମିଶନିଂ ନୁ ନେଇକରି ଷ୍ଟ୍ରଙ୍ଗ୍‌ରୁମ୍ ନ କଡ଼ାସୁରକ୍ଷା ବ୍ୟବସ୍ଥା ଆଉ ଭୋଟ୍ ଦିନ୍‌ମାନ୍‌କେ ନିର୍ବାଚନ୍ ଯେନ୍ତା ସୁରୁଖୁରୁଥି ହେବା ସେଥିର୍‌ଲାଗି ପୁଲିସ୍ ପ୍ରଶାସନ୍ ତର୍‌ଫୁ ସବୁ ବ୍ୟବସ୍ଥା କର୍‌ବାର୍‌କେ ଆଲୋଚନା କରାଯାଇଥିଲା ।

ବୈଠକ୍‌ରେ ମୁଖ୍ୟ ଶାସନ୍ ସଚିବ ପ୍ରଦୀପ୍ କୁମାର୍ ଜେନା, ରାଜ୍ୟ ଗୃହବିଭାଗ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଦେଓରଞ୍ଜନ୍ କୁମାର୍ ସିଂ, ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ, ପୁଲିସ୍ ମହାନିର୍ଦ୍ଦେଶକ ଅରୁଣ୍ କୁମାର୍ ଷଡ଼ଙ୍ଗିଙ୍କର୍ ସହେତେ ବରିଷ୍ଠ ପୁଲିସ୍ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ଶ୍ରୀଜୀଉ- ସୁନାବେଶ ଆର୍‌ଏନ୍‌ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍ ନ ଆଏବା ଦୋଳପୂର୍ଣ୍ଣିମା ଦିନ ମହାପ୍ରଭୁଙ୍କର୍ ସୁନାବେଶ ହେବା । ଇଟା ସୁରୁଖୁରୁଥି କର୍‌ବାର୍ ଲାଗି ଛତିଶା ନିଯୋଗ ବୈଠକ୍‌ଥି ଆଲୋଚନା କରାଯାଇଛେ । ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ସମର୍ଥ ବର୍ମାଙ୍କର ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍‌ଥି ଦୋଳପୂର୍ଣ୍ଣିମା ଆଉ ମେଣ୍ଢାପୁଡ଼ି ନୀତି ନିର୍ଘଂଟ ସହେତେ ପୂର୍ଣ୍ଣମୀ ଦିନ ସଖାଳର୍ ୮ ନୁ ୯ ବଜେ ଭିତ୍‌ରେ ଶ୍ରୀଜୀଉମାନେ ସୁନାବେଶଥି ଭକ୍ତମାନ୍‌କୁ ଦର୍ଶନ୍ ଦେବାର୍ ଲାଗି ପ୍ରସ୍ତୁତି କର୍‌ବାର୍‌କେ ବୈଠକ୍‌ଥି ଆଲୋଚନା ହେଇଥିଲା ।

ବିଏଲ୍‌ଓ- ମିତାଦିଦି ପ୍ରେସ୍ ରିଲିଜ୍

ନିର୍ବାଚନ୍ କମିଶନ୍ଙ୍କର୍ ବୁଥ୍ ସ୍ତରୀୟ ଅଧିକାରୀ-ବିଏଲ୍ଓ ପତ୍ରିକାଥି ମିତା ଦିଦି ମାସ୍କଟ୍ ହିସାବେ ଠାନ୍ ପାଇଥିବାର୍ନୁ ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଲ ସବୁ ବିଏଲ୍ଓ ମାନ୍କୁ ଅଭିନନ୍ଦନ୍ ଜନେଇଛନ୍ । ଭୋଟର୍ ତାଲିକା ସଂଶୋଧନ୍ ଆଉ ନିର୍ବାଚନ୍ ପରିଚାଲନା ପ୍ରକ୍ରିୟାଥି ତୃଣମୂଳସ୍ତର୍ ନ ବୁଥ୍ସ୍ତରୀୟ ଅଧିକାରୀମାନେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲେଇଥିସନ୍ ବଲି ମୁଖ୍ୟ ନିର୍ବାଚନ୍ ଅଧିକାରୀ ଶ୍ରୀ ଧଲ କହିଛନ୍ । ସେ କହିଛନ୍ ଯେ, ସାଧାରଣ ନିର୍ବାଚନ୍ଥି ସବୁ ବୁଥ୍ସ୍ତରୀୟ ଅଧିକାରୀମାନେ ଗଣତନ୍ତ୍ରର୍ ଜାଗ୍ରତ୍ ପ୍ରହରୀ ଭାବେ କାମ୍ କର୍ବେ । ନିର୍ବାଚନ୍ କମିଶନ୍ଙ୍କର୍ ବୁଥ୍ସ୍ତରୀୟ ଅଧିକାରୀ ପତ୍ରିକାର୍ ୧୦ ନମ୍ବର୍ ସଂସ୍କରଣ୍ଥି ମିତା ଦିଦି ଠାନ୍ ପାଏବାର୍ଟା ସବୁ ବୁଥ୍ସ୍ତରୀୟ ଅଧିକାରୀ ଆଉ ସାରା ରାଜ୍ୟର୍ ଲାଗି ଗର୍ବର୍ ବିଷୟ ଆଏ ବଲି ଶ୍ରୀ ଧଲ କହିଛନ୍ ।

କିରୋସିନ୍ ବେଭାର୍ ଆର୍ଏନ୍ୟୁ/ କଟକ୍

ଦେଶେ କିରୋସିନ୍ ବେଭାର୍ ୨୦୧୩-୧୪ ଆର୍ଥିକ୍ ବଛର୍ ତୁଲ୍ନାଥି ୨୦୨୨-୨୩ ଆର୍ଥିକ୍ ବଛର୍ ଶେଷ୍ବେଲ୍କେ ୨୬ ପ୍ରତିଶତ୍ କମିଛେ ବଲି ଜାତୀୟ ପରିସଂଖ୍ୟାନ୍ ତଥ୍ୟନୁ ଜନାପଡ଼ିଛେ । ଶକ୍ତି ପରିସଂଖ୍ୟାନ ଭାରତ୍ ୨୦୨୪ ଶକ୍ତି ନୀତିର୍ ପ୍ରଭାବ୍ଥି କିରୋସିନ୍ ବେଭାର୍ କମିଥିବାର୍ କୁହାଯାଇଛେ । ସବୁ ପେଟ୍ରୋଲ୍ ଜାତ ଦରବ୍ ଭିତ୍ରେ

ସବୁନୁ ଜହ ଡିଜେଲ୍ ବେଭାର୍ ବଢ଼ିଥିଲା । ମୋଟ୍ ପେଟ୍ରୋଲିୟମ୍‌ଜାତ ଦରବ୍ ଭିତ୍‌ରୁ ଡିଜେଲ୍ ବେଭାର୍ ପାଖାପାଖି ସାଢ଼େ ୩୮ ପ୍ରତିଶତ୍ ଥିଲା ବଲି ଇ ତଥ୍ୟନୁ ଜନାପଡ଼ିଛେ ।

ମହାବଳ ବାଘ- ଓଡ଼ିଶା ଆର୍‌ଏନ୍‌ୟୁ/ କଟକ୍

ସୁନ୍ଦର୍‌ଗଡ଼୍ ଜଙ୍ଗଲ୍‌କେ ମଧ୍ୟପ୍ରଦେଶ୍‌ର ଗୁଟେ ମହାବଳ ବାଘ ପଲେଇ ଆସିଛେ ବଲି ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତୃପକ୍ଷ କହିଛନ୍ । ରାଜ୍ୟ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ସୁଶାନ୍ତ ନନ୍ଦ ଭିଲ୍ ସାମାଜିକ୍ ଗଣମାଧ୍ୟମ୍‌ଥି ମଧ୍ୟପ୍ରଦେଶ୍ ଜଙ୍ଗଲ୍‌ନୁ ମହାବଳ ବାଘଟା ଓଡ଼ିଶା ଜଙ୍ଗଲ୍‌କେ ଆସିଛେ ବଲି ସ୍ୱଷ୍ଟ କରିଛନ୍ । ମିଲିଥିବାର୍ ସୂଚ୍‌ନା ଅନ୍‌ସାରେ ମଧ୍ୟପ୍ରଦେଶ୍‌ର ସଞ୍ଜୟ ଡୁବ୍ରି ବ୍ୟାଘ୍ର ଅଭୟାରଣ୍ୟନୁ ଇ ମହାବଳ ବାଘ୍‌ଟା ପାଖାପାଖି ୧ ହଜାର୍ କିଲୋମିଟର୍ ପାର୍ କରିକରି ଓଡ଼ିଶା ଆସିଥିବାର୍ କୁହାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଏଛେନ୍ ଓଡ଼ିଶା ନ ୩୦ ଟା ବାଘ୍ ଅଛନ୍ । ଇମାନ୍‌କର୍ ଭିତ୍‌ରେ ୮ ଟା ବାଘ୍ ଛୁଆ ଥିବାର୍ ବନ୍ୟପ୍ରାଣୀ ସଂରକ୍ଷକ କହିଛନ୍ ।

ବ୍ଲାକ୍‌ରୋଜ-ସିବିଆଇ ସତ୍ୟପାଠ ଆର୍‌ଏନ୍‌ୟୁ/ କଟକ୍

ପାରାଦ୍ୱୀପ୍ ସମୁଦ୍ର ନ ବ୍ଲାକ୍‌ରୋଜ୍ ଜାହାଜ୍ ବୁଡ଼ି ମାମ୍‌ଲାଥି ସିବିଆଇ ତର୍‌ଫୁ ଆଏଜ୍ ଓଡ଼ିଶା ହାଇକୋର୍ଟ ନ ସତ୍ୟପାଠ ଦାଖଲ୍ କରାଯାଇଛେ । ବ୍ଲାକ୍‌ରୋଜ୍ ବୁଡ଼ି ଘଟ୍‌ନାର୍ ତଦନ୍ତ୍ ଲାଗି ସିବିଆଇ ତର୍‌ଫୁ ରାଜ୍ୟ ସର୍‌କାର୍‌ଙ୍କୁ ୨ ଥର୍ ଅନୁରୋଧ୍ କରାଯାଇଥିବା ବିଷେ ସତ୍ୟପାଠଥି ଉଲ୍ଲେଖ ରହିଛେ । ୨ ହପ୍ତା ଉତ୍‌ରୁ ଇ ମାମ୍‌ଲାର୍ ପରବର୍ତୀ ଶୁଣାଣି ହେବା ବଲି ଜନାପଡ଼ିଛେ ।

ସୋନ୍‌ପୁର୍- ଫ୍ଲାଗ୍‌ମାର୍ଚ୍ଚ        ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ନ ଆଏବା ଲୋକ୍‌ସଭା ଆଉ ବିଧାନ୍‌ସଭା ନିର୍ବାଚନ୍‌କେ ଅବାଧ ଆଉ ନିରପେକ୍ଷ ଭାବେ ଶାନ୍ତି ଶୃଙ୍ଖଲାର୍ ସହେତେ କର୍‌ବାର୍‌କେ ସୋନ୍‌ପୁର୍ ସହର୍ ନ ପୁଲିସ୍ ତର୍‌ଫୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛେ । ସୁବର୍ଣ୍ଣପୁର୍ ଏସ୍.ପି. ୟସ୍ ପ୍ରତାପ୍ ଶ୍ରୀମାଲ୍‌ଙ୍କର୍ ନିର୍ଦ୍ଦେଶ୍‌ଥି ସହର୍ ନ ୫ ପ୍ଲାଟୁନ୍ ପୁଲିସ୍ ଫୋର୍ସ ଇ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ ।

ବଲାଙ୍ଗିର୍ ଲୋକ୍‌ସଭା ନିର୍ବାଚନ୍ ମଣ୍ଡଳୀ/ଆର୍‌ଏନ୍‌ୟୁ /ସମ୍ବଲପୁର

ବଲାଙ୍ଗିର୍ ଲୋକ୍‌ସଭା ନିର୍ବାଚନ୍ ମଣ୍ଡଳୀ କ୍ଷେତ୍ର ନ ନିର୍ବାଚନ୍ ପରିଚାଳନା ଲାଗି ୫ ଝନ୍ ରିଟର୍ଣ୍ଣିଂ ଅଫିସର୍ ଆର୍ ୧୦ ଝନ୍

ଅତିରିକ୍ତ ରିଟର୍ଣ୍ଣିଂ ଅଫିସର୍‌ଙ୍କୁ ନିୟୋଜିତ କରାଯାଇଛେ ବଲି ଜିଲ୍ଲାପାଲ୍ ଗୌର ଶିବାଜୀ ଇସାଲ୍‌ୱାର୍ ସୂଚନା ଦେଇଛନ୍ । ବଲାଙ୍ଗିର୍ ଠାନେ ଜିଲ୍ଲା ନ ନିର୍ବାଚନ୍ ପରିଚାଲନା ଲାଗି ପ୍ରଶାସନିକ୍ ପ୍ରସ୍ତୁତି ବାବ୍‌ଦେ ସୂଚ୍‌ନା ଦେଇକରି ଜିଲ୍ଲାପାଲ୍ କହିଛନ୍ ଯେ, ନିର୍ବାଚନ୍‌ଥି ୧୧ ହଜାର୍ ଶହେ ୪୧ ଝନ୍ ପୁଲିଂ କର୍ମଚାରୀ ନିୟୋଜିତ୍ କରାଯିବା । ଇତାର୍‌ସହେତେ ୨୦ ପ୍ରତିଶତ୍ କର୍ମଚାରୀଙ୍କୁ ସଂରକ୍ଷିତ ରଖାଯାଇଛେ । ନିର୍ବାଚନ୍ ସମିଆଥି ଗଣମାଧମ୍ ଉପ୍‌ରେ ପ୍ରଶାସନ୍‌ର ନଜର୍ ରଖାଯିବା ବଲି ଜିଲ୍ଲାପାଲ୍ ସୂଚ୍‌ନା ଦେଇଛନ୍ । ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ୍ ବାଗିର୍ ଖବର୍ ପ୍ରକାଶନ୍ ଠାନୁ ଦୂରେ ରହେବାର୍ ଲାଗି ପରାମର୍ଶ ଦେଇକରି ଇଥିର୍‌ଲାଗି ଜିଲ୍ଲାସ୍ତର୍ ନ ଜିଲ୍ଲାପାଲ୍‌ଙ୍କର୍ ଅଧକ୍ଷତାଥି ଗୁଟେ କମିଟି ଯାଂଚ୍ କର୍‌ବା । ସୁରୁଖୁରୁଥି ନିର୍ବାଚନ୍ ପରିଚାଲନା ଲାଗି ସୁରକ୍ଷା ବ୍ୟବସ୍ଥାକେ କଡ଼ାକଡ଼ି କରାଯାଇଛେ ବଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଋଷିକେଶ୍ ଖିଲାରୀ ଗଣମାଧମ୍‌କେ ସୂଚ୍‌ନା ଦେଇଛନ୍ ।

ଆଇସିଏମ୍‌ଆଇ- ଶ୍ରେଷ୍ଠ ପୁରସ୍କାର୍ ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ କଷ୍ଟ ଆକାଉଂଟାଂଟ୍ ଅଫ୍ ଇଣ୍ଡିଆ ଶାଖାକେ ଭଲ୍ କାମ୍ ଲାଗି ସମ୍ମାନ୍‌ଜନକ୍ ସର୍ବଶ୍ରେଷ୍ଠ ଚାପ୍‌ଟର୍ସ ପୁରସ୍କାର୍ ମିଲିଛେ । ଇନ୍ଦୋର୍ ଠାନେ ହେଇଥିବା ଗୁଟେ କାର୍ଯ୍ୟକ୍ରମ୍‌ଥି

ଆଇସିଏମ୍ଏଆଇ ଲଗାତାର୍ ୨୩ ଥର୍ ଲାଗି ଇ ସମ୍ମାନ୍‌ଜନକ୍ ପୁରସ୍କାର୍ ପାଇଛେ ।

ଟ୍ରେଜେରୀ ଅଫିସ୍ ଖୁଲା ଆର୍ଏନ୍ୟୁ / ସମ୍ବଲପୁର

ଆଏବା ୨୩, ୨୪, ୨୫, ୨୯ ଆର୍ ୩୧ ତାରିଖ୍ ଦିନ ରାଜ୍ୟର ସବୁ ଟ୍ରେଜେରୀ ଅଫିସ୍ ଖୁଲା ରହେବା ବଲି ଅର୍ଥ ବିଭାଗ ତରଫୁ କୁହାଯାଇଛେ । ଆଏବା ୨୩ ତାରିଖ୍ ୪ ନମ୍ବର ଶନିବାର, ୨୪ ତାରିଖ ରଏବାର୍, ୨୫ ତାରିଖ ଫଗୁନ୍ ପୁନି ଆର୍ ୨୯ ତାରିଖ୍ ଗୁଡ୍ ଫ୍ରାଇଡ଼େ ଛୁଟି ଅଛେ । ହେଲେ ୨୦୨୩-୨୪ ଆର୍ଥିକ ବଛର୍ ଶେଷ୍ ହେବାର୍‌କେ ଆଉ ମାତରକ୍ ୧୫ ଦିନ୍ ବାକି ଥିବାର୍‌ନୁ ସରକାରୀ ଅର୍ଥ କାରବାର ଯେନ୍‌ତା ଠିକ୍ ସମିଆଥି ହେଇ ପାର୍‌ବା ହେଇଥିର୍ ଲାଗି ଇ ଛୁଟି ଦିନ୍‌ମାନ୍‌କୁ ଟ୍ରେଜେରୀ ଅଫିସ ଖୁଲା ରହେବା ବଲି ଅର୍ଥ ବିଭାଗ ତରଫୁ କୁହାଯାଇଛେ ।

ପାଣିପାଗ୍ ଆର୍ଏନ୍ୟୁ/ କଟକ୍

କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ସମ୍ବଲପୁର୍, ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା, କନ୍ଧମାଲ୍ ଆର୍ ବାଲେଶ୍ୱର୍ ଜିଲ୍ଲାର୍ କେତେଟା ଜାଗା ନ ଝଡ଼ବର୍ଷା ହେଇଥିବାର୍ ପାଣିପାଗ

ବିଭାଗ୍ ତରଫୁ କୁହାଯାଇଛେ । ବାଲେଶ୍ୱର୍ ଆର୍ ମୟୁର୍ଭଞ୍ଜ୍ ଜିଲ୍ଲା ନ ଚଡ଼କ୍ ମାରିକରି ୨ ଝନ୍କର୍ ଜୀବନ୍ ଯାଇଥିବାର୍ ସମ୍ବାଦ୍ ଆମ୍କୁ ମିଲିଛେ । ପାଣିପାଗ୍ ବିଭାଗ୍ର ସୂଚ୍ନା ଅନ୍ସାରେ କାଲ୍ବୈଶାଖୀର୍ ପ୍ରଭାବ୍ ବଡ଼୍ବା ଆଉ କେତେଟା ଜାଗା ନ କରା ବର୍ଷା ଆଉ ଖୋବ୍ ଜୋର୍ଥି ପବନ୍ ବୁହିବାର୍ ସାଙ୍ଗେ ଝଡ଼ବର୍ଷାର୍ ସମ୍ଭାବନା ରହିଛେ । ୨୪ ଟା ଜିଲ୍ଲା ନ କାଲ୍ବୈଶାଖୀର୍ ପ୍ରଭାବ୍ ରହେବା । ଆଏବା କାଏଲ୍ ରାଜ୍ୟର୍ ଉପକୂଳ ଆର୍ ଦକ୍ଷିଣ ଭାଗ୍ଥି ଇତାର୍ ପ୍ରଭାବ୍ ଅଏତ୍କା ରହେବା । ସେଥିର୍ଲାଗି ସ୍ୱତନ୍ତ୍ର ରିଲିଫ୍ କମିଶନର୍ଙ୍କର୍ କାର୍ଯ୍ୟାଳୟନୁ ସବୁ ଜିଲ୍ଲାପାଲ୍ ମାନ୍କୁ ସତର୍କ ରହେବାର୍ ଲାଗି ପରାମର୍ଶ ଦିଆଯାଇଛେ । କାଲ୍ବୈଶାଖୀର୍ ପ୍ରଭାବ୍ଥି ଯେନ୍ଠାନେ ନୁକ୍ସାନ୍ ହେବା ସାଙ୍ଗେ ସାଙ୍ଗେ ସେତାର୍ ରିପୋର୍ଟ ସର୍କାର୍କେ ଦେବାର୍ ଲାଗି କୁହାଯାଇଛେ । କାଲ୍ବୈଶାଖୀର୍ ପ୍ରଭାବ୍ଥି ଆଏବା ଗୁରୁବାର୍ତକ୍ ବର୍ଷା ହେବା ।